# Akashvani, Sambalpur

## SAMBALPURI NEWS EVENING BULLETIN

## 12 March 2026-7.02- 7.12 pm.

---

୧- ପିଏମ୍ କିଶାନ୍ ସମ୍ମାନ ନିଧି ଯୋଜ୍‌ନାଥି ଆଏବାକାଏଲ୍ ୨୨ ନମ୍ବ କିସ୍ତି ସାହାଜ୍ ଟଙ୍କା ବାଂଟବେ ପ୍ରଧାନ୍‌ମନ୍ତ୍ରୀ ।

୨- ବିଧାନ୍‌ସଭା ବଜେଟ୍ ଅଧିବେଶନ୍‌ଥି ଅନୁସୂଚିତ ଜାତି, ଜନଜାତି କଲ୍ୟାଣ ବିଭାଗ୍‌ର ଖର୍ଚ୍ଚା ଦାବି ଉପ୍‌ରେ ଚାଲିଛେ ଆଲୋଚନା ।

- ଖରା ଆଉ ଅଂଶୁଘାତ୍ ମୁକାବିଲା ଲାଗି ଖାସ୍ ଯୋଜ୍‌ନା କରିଛନ୍ ସରକାର- ଗୃହ ନ ସୂଚ୍‌ନା ଦେଲେ ରାଜସ୍ୱ ମନ୍ତ୍ରୀ ।

୩- ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜ୍‌ନାଥି କଟକ ଆଉ ସୁନ୍ଦରଗଡ଼ ନ ୧୧୬ ଟା ଜୁଡ଼ିର୍ ହେଲା ବିହାଘର୍ ।

ଆଉର୍

୪- ମୁନ୍‌ଷର୍ ଶରୀର୍ ନ କିଡ୍‌ନୀର ଗୁରୁତ୍ୱ ଆଉ ତାର୍ ସୁସ୍ଥତା ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଆଏଜ୍ ପାଲନ୍ ହେଉଛେ ବିଶ୍ୱ କିଡ୍‌ନୀ ଦିବସ୍ ।

ପିଏମ୍ କିଶାନ୍ ସମ୍ମାନ ନିଧି କିସ୍ତି          ଏନ୍ଏସ୍ଡି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବାକାଏଲ୍ ପିଏମ୍ କିଶାନ୍ ସମ୍ମାନ୍ ନିଧି ଯୋଜ୍ନାର୍ ୨୨ ନମ୍ବ କିସ୍ତି ସାହାଜ୍ ଟଙ୍କା ହିତାଧିକାରୀମାନଙ୍କୁ ବାଂଟ୍ବେ । ଆସାମର ଗୁଆହାଟିଠାନେ ଗୁଟେ ଖାସ୍ କାର୍ଯ୍ୟକ୍ରମ୍ ଜରିଏ ପ୍ରଧାନମନ୍ତ୍ରୀ ଦେଶର୍ ୯ କୋଟି ୩୧ ଲାଖ୍ ଚାଷୀଙ୍କୁ ଡିବିଟି ଜରିଏ ମୋଟ୍ ୧୮ ହଜାର ୬ ଶହ ୪୦ କୋଟି ଟଙ୍କା ସାହାଜ୍ ବାଂଟ୍ବେ । କେନ୍ଦ୍ର କୃଷି ଆଉ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ୍ ଇ ବାବ୍ଦେ ନୂଆଦିଲ୍ଲୀ ନ ଆଏଜ୍ ସାମ୍ବାଦିକ୍ମାନ୍ଙ୍କୁ ସୂଚ୍ନା ଦେଇଛନ୍ । ଯୋଜ୍ନାଥି ଏବ୍ତକ୍ ୪ ଲାଖ୍ ୯ ହଜାର କୋଟି ଟଙ୍କା ଚାଷୀମାନ୍ଙ୍କୁ ବଂଟାଯାଇଛେ ବଲି ଶ୍ରୀ ଚୌହାନ୍ କହିଛନ୍ ।

ବିଧାନ ସଭା          ଭୁବନେଶ୍ୱର ସମ୍ବାଦଦାତା

ବିଧାନ ସଭାର୍ ବଜେଟ୍ ଅଧିବେଶନ୍ର ଦୁଇ ନମ୍ବର ଖେପ୍ର ୪ ନମ୍ବର ଦିନେ ଆଏଜ୍ ରାଏଜେ ରନ୍ଧା ଗେସ୍ ଅଭାବ୍ ଆଉ

କଳାବଜାର୍ ବିକ୍ରିକେ ନେଇକରି ଗୃହକାମ୍ ବାଧାପ୍ରାପ୍ତ ହେଇଥିଲା । ସଖାଲ୍‌ବେଲା ମାତ୍ର ୨୫ ମିନିଟ୍ ଗୃହ କାର୍ଯ୍ୟ ଚାଲ୍‌ବାର୍ ସହେତେ ୨ଟା ତାରକା ପ୍ରଶ୍ନ ଉପ୍‌ରେ ଆଲୋଚନା ହେଇଥିଲା । ବିରୋଧି କଂଗ୍ରେସ ଆଉ ବିଜେଡି ସଦସ୍ୟମାନେ ଜବର୍ କିର୍ଲାଗଗା କର୍‌ବାର୍‌ନୁ ବାଚସ୍ପତୀ ସୁରମା ପାଢ଼ୀ ଗୃହକେ ଉପରବେଲା ୪ ବଜେତକ୍ ମୁଲତବୀ ଘୋଷଣା କରିଥିଲେ । ୪ ବଜେ ଗୃହକାର୍ଯ୍ୟ ମୁଲ୍ ହଉନ୍‌ସାଏର୍ ଭିନ୍ ଭିନ୍ ବିଷେଥି ଆଲୋଚନା କରାଯିବାର୍ ସହେତେ ଅନୁସୂଚିତ ଜାତି, ଜନଜାତି ଆଉ ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଆଉ ପଛୁଆ ବର୍ଗ କଲ୍ୟାଣ ବିଭାଗ୍‌ର ବଜେଟ୍ ଖର୍ଚ୍ଚା ଦାବି ଉପ୍‌ରେ ଆଲୋଚନା ଚାଲିଛେ । ବଜେଟ୍ ଖର୍ଚ୍ଚା ଉପ୍‌ରେ ବିଭାଗର୍ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଭିନ୍ ଭିନ୍ ତଥ୍ୟ ରଖୁଛନ୍ ।

ବିଧାନ ସଭା-ଅଂଶୁଘାତ ମୁକାବିଲା        ଭୁବନେଶ୍ୱର ସମ୍ବାଦଦାତା

ରାଜ୍ୟ ସରକାର ଅଂଶୁଘାତ୍ ମୁକାବିଲା ଲାଗି ସ୍ୱତନ୍ତ୍ର ପଦକ୍ଷେପ୍ ନେଉଛନ୍ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଆଏଜ୍ ବିଧାନ ସଭା ନ କହିଛନ୍ । ମନ୍ତ୍ରୀ

ଶ୍ରୀ ପୂଜାରୀ କହିଛନ୍, ୨୪ ଘଂଟିଆ ବିଜ୍ଲି ଯୋଗାଣ ଲାଗି ଶକ୍ତି ବିଭାଗ୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ଖରାକେ ନଜର୍‌ଥି ରଖିକରି କଟକ-ଭୁବନେଶ୍ୱର ସହେତେ ୩୦ଟା ଜିଲ୍ଲା, ୧୦ଟା ପୌରାଂଚଲ ଲାଗି ଖାସ୍ ଯୋଜ୍‌ନା ତିଆର୍ କରାଯାଇଛେ । ୩୧ଟା ପୌରାଂଚଲ ନ ଭିଲ୍ ଅଂଶୁଘାତ ନିବାରଣ ମୁକାବିଲା ଲାଗି ବ୍ୟବସ୍ଥା କରାଯାଇଛେ । ଜିଲ୍ଲାସ୍ତର୍‌ମାନ୍‌କେ ୨୪ ଘଂଟିଆ ନିୟନ୍ତ୍ରଣ କକ୍ଷ ଖୁଲାଯାଇଛେ । ଜାତୀୟ ବିପର୍ଯ୍ୟୟ ତାଲିକାଥି ଗ୍ରୀଷ୍ମ ପ୍ରବାହକେ ସାମିଲ୍ କର୍‌ବାର ଲାଗି ୧୬ତମ ଅର୍ଥ କମିଶନ ସୁପାରିଶ କରିଛନ୍ ବଲି ମନ୍ତ୍ରୀ ଗୃହକେ ସୂଚ୍‌ନା ଦେଇଛନ୍ ।

ବିଧାନ ସଭା-ପାନୀୟ ଜଲ୍ ବିଭାଗ୍ ଭୁବନେଶ୍ୱର ସମ୍ବାଦଦାତା

କେନ୍ଦ୍ର ଆଉ ରାଜ୍ୟ ସରକାରଙ୍କ ତର୍‌ଫୁ ଚାଲିଥିବା ଜଲ୍ ଜୀବନ୍ ମିଶନ୍ ଯୋଜ୍‌ନା ଜରିଏ ରାଜ୍ୟ ଫି ଗ୍ରାମୀଣ ପରିବାର୍‌କେ ସଫା ପିଇବାର୍ ପାଏନ୍ ଯୁଗେଇ ଦେବାର୍ ଦିଗେ ସରକାର ପଦକ୍ଷେପ୍ ନଉଛନ୍ ବଲି ପଂଚାୟତିରାଜ୍ ଆଉ ପାନୀୟ ଜଲ୍ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ । ବିଧାନ ସଭା

ଆଏଜ୍ ବିରୋଧ ବିଜେଡି ସଦସ୍ୟଙ୍କର ତର୍ଫୁ ଆଗତ୍ ମୁଲତବୀ ପ୍ରସ୍ତାବ୍ ଉପ୍ରେ ଉତର ରଖିକରି ମନ୍ତ୍ରୀ ଶ୍ରୀ ନାଏକ କହିଛନ୍, ଗ୍ରାମସଭା ଜରିଏ ହର୍ ଘର୍ ଜଲ୍ ଗ୍ରାମ ପାଣି, ପରିମଳ ସମିତି ଆଉ ସରପଂଚଙ୍କର୍ ଅନୁମୋଦନ୍‌ଥି ଘୋଷଣା କରାଯାଉଛେ । ଇଥି ଜନସାଧାରଣଙ୍କର ପିଇବା ପାନିର୍ ଉତ୍ସ, ପିଇବାର୍ ପାନିର୍ ମାନ ପରୀକ୍ଷଣ ଆଉ ସୁବ୍ୟବସ୍ଥିତ୍ ଆଉ ଦେଖ୍‌ରେଖ୍‌ତକ୍ ସବୁ ବିଷେ ଉପ୍ରେ ଧ୍ୟାନ ଦିଆଯାଉଛେ । ୨୦୨୪ ମସିହା ଏପ୍ରିଲ ମାସ୍‌ନୁ ୬ ହଜାର ୧୩ଟା ଗାଁକେ ହର୍ ଘର୍ ଜଲ୍ ଘୋଷଣା କରାଯାଇଥିଲା । ଏବ୍‌ତକ୍ ୧୧ ହଜାର ୯ ଶହ ୭୭ଟା ଗାଁକେ ଯୋଜ୍‌ନାଥି ସାମିଲ୍ କରାଯାଇଛେ । ସବୁ ଗାଁ ନ ନଳକୂଅାଁ କୁଡ଼ାଯାଇଛେ । ଖରାକେ ନଜର୍‌ଥି ରଖିକରି ଇ ବଛର୍ ଭିଲ୍ ନଳକୁଅାଁ କୁଡ଼ାବାର୍ ଲାଗି ନିର୍ଦ୍ଦେଶ ଦିଆଯାଇଛେ । ଅପହଂଚ ଇଲାକାମାନ୍‌କେ ଏବ୍‌ତକ୍ ୬ ହଜାର ଶହେ ୭୧ଟା ସୌର ପ୍ରକଳ୍ପ ଜରିଏ ପାନିର୍ ବ୍ୟବସ୍ଥା କରାଯାଇଛେ ବଲି ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ ।

ଅମୃତ ଭାରତ ଟ୍ରେନ୍

ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ଓଡ଼ିଶା ନ ରେଲ୍ ଯୋଗାଯୋଗ୍‌କେ ଆହୁରି ବର୍‌କସ୍ କର୍‌ବାର୍ ଲାଗି ଓଡ଼ିଶା ସହେତେ ଆସାମ ଆଉ ତେଲେଙ୍ଗାନାକେ ସଂଯୋଗ୍ କର୍‌ବାର୍ ଲାଗି କେନ୍ଦ୍ର ସରକାର ଗୁଟେ ନୂଆ ଅମୃତ ଭାରତ ଟ୍ରେନ୍ ସେବା ମୁଲ୍ କର୍‌ବାର୍‌କେ ଅନୁମୋଦନ୍ କରିଛନ୍ । ଇତାର୍ ସହେତେ ଦୁଇଟା ସ୍ୱତନ୍ତ୍ର ରେଲ୍ ସେବାକେ ଭିଲ୍ ନିୟମିତ୍ କର୍‌ବାର ଲାଗି ମଞ୍ଜୁର କରିଛନ୍ । ନୂଆ ଅମୃତ ଭାରତ୍ ଟ୍ରେନ୍ ଆସାମର କାମାକ୍ଷ ଆଉ ତେଲେଙ୍ଗାନାର୍ ଚାର୍‌ଲାପାଲି ଭିତ୍‌ରେ ଚଲାଚଲ୍ କର୍‌ବାର । ଯେନ୍‌ଟାକି ଓଡ଼ିଶାର୍ ବାଲେଶ୍ୱର, ଭଦ୍ରକ, ଯାଜପୁର କେନ୍ଦୁଝର ରୋଡ୍, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍, ବାଲୁଗାଁ ଆଉ ବ୍ରହ୍ମପୁର ଦେଇକରି ଚଲାଚଲ୍ କର୍‌ବା । ଇ ବାବ୍‌ଦେ ରେଲ୍ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଜରିଏ ସୂଚ୍‌ନା ଦେଇଛନ୍ । ସୂଚ୍‌ନା ଅନ୍‌ସାରେ, ଓଡ଼ିଶା ସଙ୍ଗେ ଆସାମ ଆଉ ତେଲେଙ୍ଗାନାକେ ରେଲ୍ ସେବାକେ ବର୍‌କସ୍ ବର୍‌କାର ଲାଗି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରେଲ୍ ମନ୍ତ୍ରଣାଳୟକେ ଚିଠି ଜରିଏ ଅନୁରୋଧ କରିଥିଲେ ।

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜ୍‌ନା ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟର୍ ଗରିବ୍ ପରିବାର୍‌ମାନ୍‌ଙ୍କୁ ସାମାଜିକ୍ ସହାୟତା ଯୁଗେଇ ଦେବାର୍ ଲାଗି ମହିଳା ଆଉ ଶିଶୁ ବିକାଶ ବିଭାଗ୍ ତର୍‌ଫୁ ମୁଲ୍ ହେଇଥିବା ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜ୍‌ନାଥି ଆଏଜ୍ କଟକ ଆଉ ସୁନ୍ଦରଗଡ଼ ନ ସାମୂହିକ୍ ବିବାହ କାର୍ଯ୍ୟକ୍ରମର୍ ଆୟୋଜନ୍ କରାଯାଇଥିଲା । କଟକ ନ ଆଏଜ୍ ୫୫ ଯୋଡ଼ା ବିହା ହେଇଛନ୍ । ସେନ୍ତା ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ସହରର୍ ଶଙ୍କର କଲ୍ୟାଣ ମଣ୍ଡପ୍ ନ ହେଇଥିବା ସମୁହ ବିବାହ କାର୍ଯ୍ୟକ୍ରମ୍‌ଥି ୬୧ଟା ଯୋଡ଼ି ବିହା ହେଇଛନ୍ । କଟକ ନ ସାମୁହିକ ବିବାହ କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ୍ ଦେଇକରି ଇ ଯୋଜ୍‌ନା ଗରିବ ପରିବାରକେ ଆର୍ଥିକ୍ ସାହାଜ୍ ସହେତେ ବାଲ୍ୟ ବିବାହ ଆଉ ଯୌତୁକ୍ ପ୍ରଥା ବିରୋଧିଥି ଗୁଟେ ବର୍‌କସ୍ ସାମାଜିକ୍ ପଦକ୍ଷେପ୍ ଆଏ ବଲି କହିଛନ୍ ।

(ଭଏସ୍-ପ୍ରଭାତୀ ପରିଡ଼ା)

ସୁନ୍ଦରଗଡ଼ ସମୁହ ବିବାହ କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଳ ଡକ୍ଟର ଶୁଭଙ୍କର ମହାପାତ୍ର, ପୌରାଧକ୍ଷା ତନୟା ମିଶ୍ରଙ୍କର୍ ସହେତେ ଅଲ୍‌ଗାମାନେ ଉପସ୍ଥିତ୍ ଥିଲେ ।

ରନ୍ଧା ଗେସ୍ ସ୍ଥିତି-ଯୋଗାଣ ମନ୍ତ୍ରୀ ଆଇ.ଆଣ୍ଡ୍.ପି.ଆର୍

ରାଏଜେ ଇହାଦେ ଭରପୁର ମାତ୍ରାଥି ରନ୍ଧା ଗେସ୍ ଆଉ ତେଲ୍ ମହଜୁଦ୍ ଅଛେ । ଇଥିର୍ ଲାଗି ଲୁକେ ଆତଙ୍କିତ୍ ନାଇ ହେବାର୍‌କେ ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରାଜ୍ୟବାସୀକୁ ପରାମର୍ଶ ଦେଇଛନ୍ । ଗେସ୍ ଆଉ ଇନ୍ଧନର ଉପସ୍ଥିତିକେ ନେଇକରି ବିଭାଗର୍ ଅଧିକାରୀମାନ୍‌କର ସଙ୍ଗେ ବୈଠକ୍ କରି କରି ମନ୍ତ୍ରୀ ଶ୍ରୀ ପାତ୍ର ଇଟା କହିଛନ୍ । ଇ ବାବ୍‌ଦେ ତେଲ୍ କମ୍ପାନୀମାନ୍‌କର ସଙ୍ଗେ ଆଲୋଚନା ହେଇଛେ ବଲି ମନ୍ତ୍ରୀ କହିଛନ୍ ।

ଅଗ୍ନିଶମ ସମୀକ୍ଷା ଆଇ.ଆଣ୍ଡ୍.ପି.ଆର୍

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କର ଅଧକ୍ଷତାଥି ଭୁବନେଶ୍ୱର ଲୋକ ସେବା ଭବନ୍ ନ ଅଗ୍ନିଶମ ଆଉ ଜରୁରୀକାଳୀନ ସେବା, ହୋମଗାର୍ଡ ଆଉ ନାଗରିକ ସୁରକ୍ଷା କାମ୍‌ର ସମୀକ୍ଷା ବୈଠକ୍ ହେଇଯାଇଛେ । ପାନି ବୁଡ଼ିକରି ଜୀବନ୍ ଯାଉଥିବା ଘଟ୍‌ନା କମ୍ କର୍‌ବାର୍ ଲାଗି ଅଗ୍ନିଯୋଦ୍ଧାମାନେ ପ୍ରଭାବୀ ପଦକ୍ଷେପ୍ ନେବାର୍‌କେ

ଇ ଅବ୍‌ସରେ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ । ବୈଠକ୍‌ଥି ଅଗ୍ନିଶମ ମହାନିର୍ଦ୍ଦେଶକ ସୁଧାଂଶୁ ଷଡ଼ଙ୍ଗୀ ଯୋଗ୍ ଦେଇକରି ଅଗ୍ନିଶମ ସେବା କ୍ଷମତା ବଢ଼ାବାର ଲାଗି ନିଆଯାଇଥିବା ଭିନ୍ ଭିନ୍ ପଦକ୍ଷେପ୍ ଆଉ ରଣନୀତି ବାବ୍‌ଦେ ତଥ୍ୟ ଉପସ୍ଥାପନ୍ କରିଛନ୍ ।

ବିଶ୍ୱ କିଡ୍‌ନୀ ଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁନ୍‌ଷର୍ ଶରୀର୍ ନ କିଡ୍‌ନୀର ଗୁରୁତ୍ୱ ଆଉ ତାର୍ ସୁସ୍ଥତା ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ୨୦୦୬ ମସିହାନୁ ଫି ବଛର୍ ଆଝିରର୍ ଦିନ୍‌କେ ବିଶ୍ୱ କିଡ୍‌ନୀ ଦିବସ୍ ଭାବେ ପାଲନ୍ କରାଯାଉଛେ । ଇ ବଛର୍ ଇ ଦିବସ୍‌ର ବାର୍ତା ରହିଛେ ସମ୍‌କର ଲାଗି ସୁସ୍ଥ କିଡ୍‌ନୀ, ଲୁକ୍‌କର ଯତନ୍ ନେବାର୍ ଆଉ ସୁରକ୍ଷା ଦେବାର୍ । ସାରା ପୁର୍‌ଥି ନ କିଡ୍‌ନୀ ରୋଗ୍ ଗୁଟେ ବଡ଼ ସ୍ୱାସ୍ଥ୍ୟ ସମସ୍ୟା ଭାବେ ଦେଖାଦେଇଛେ । କିଡ୍‌ନୀ ଦୁହିଟା ମୁନ୍‌ଷର୍ ଦେହେ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଆଏ । କିଡ୍‌ନୀ ଦିହି ଭିତ୍‌ରୁ ଅଏତ୍‌କା ପାଏନ୍ ଆଉ ମଏଲା ବାହାର୍ କର୍‌ବାର୍ ସହେତେ ରକତ୍‌କେ ସଫା ରଖ୍‌ସି ।

ମଧୁମେହ ଆଉ ଉଚ୍ଚ ରକ୍ତଚାପ ହେଲେ କିଡ୍‌ନୀ ସମସ୍ୟା ଦେଖାଦେସି । କିଡ୍‌ନୀକେ ସୁସ୍ଥ ରଖ୍‌ବାର୍ ଲାଗି ଭରପୁର୍ ପାଏନ୍ ପିଇବାର୍ ସଙ୍ଗେ ପୁଷ୍ଟିକର ଖାଦ୍ୟ ଖାଇକରି ବ୍ୟାୟାମ ଜୁରୁରୀ ଆଏ ।
ବିଶ୍ୱ କିଡ୍‌ନୀ ଦିବସ୍ ଅବ୍‌ସରେ ଆଏଜ୍ ସାରା ରାଏଜେ ସ୍ୱାସ୍ଥ୍ୟକେନ୍ଦ୍ର ଆଉ ଭିନ୍ ଭିନ୍ ବେସରକାରୀ ସଙ୍ଗଠନ୍ ତର୍‌ଫୁ ସଚେତନତା କାର୍ଯ୍ୟକ୍ରମ୍‌ମାନ୍ କରାଯାଉଛେ ।

ଓକିଲ ସଂଘ ନିର୍ବାଚନ          କଟକ ସମ୍ବାଦଦାତା

ଆଏବା ୨୮ ତାରିଖ୍ ଦିନ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ସଙ୍ଗେ ଅନୁବନ୍ଧିତ୍ ରାଜ୍ୟର୍ ସବୁ ଓକିଲ ସଂଘର ନିର୍ବାଚନ ହେବା । ରାଜ୍ୟର୍ ଶହେ ୫୮ଟା ଅନୁବନ୍ଧିତ୍ ଓକିଲ ସଂଘ ତର୍‌ଫୁ ୩୮ ହଜାର ୮ ଶହ ୮୩ ଝନ୍ ମତଦାତା ଭୋଟ୍ ଦେବେ । ଇଥିର୍‌ଲାଗି ରାଜ୍ୟ ଆଇନଜୀବୀ ପରିଷଦ୍ ତର୍‌ଫୁ ତିଆର୍ ହେଇଥିବା ଚୁଡ଼ାନ୍ତ ଭୋଟର୍ ତାଲିକା ଇ ମାସର୍ ୯ ତାରିଖ୍ ଦିନ ସବୁ ଓକିଲ ସଂଘକେ ପଠାଯାଇଛେ । ନିର୍ବାଚନ ପ୍ରକ୍ରିୟାକେ ଫଟିକ୍ ଆଉ ନିରପେକ୍ଷ କର୍‌ବାର୍ ଲାଗି ନିର୍ବାଚନ ଅଧିକାରୀମାନଙ୍କୁ ନିର୍ବାଚନ୍ ଅଧିନିୟମ୍

ଅନ୍‌ସାରେ ଆବଶ୍ୟକ୍ ନିର୍ଦ୍ଦେଶନାମା ଜାରି କରାଯାଇଛେ । ନିର୍ବାଚନ ପ୍ରଚାର୍ ଲାଗି କେନ୍‌ସି ବେନର୍, ହୋର୍ଡିଂ ଓକିଲ ସଂଘ କି ନ୍ୟାୟାଳୟ ପରିସର୍ ନ ଲଗା ନାଇ ଯାଏ ବଲି ପରିଷଦର ଅଧ୍ୟକ୍ଷ ସିତାଂଶୁ ମୋହନ ଦ୍ୱିବେଦୀ କହିଛନ୍ ।

ଜଙ୍ଗଲ ନିଆଁ ସଚେତନତା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ମାଧପୁର ନ ବନବିଭାଗ୍ ତର୍‌ଫୁ ଜଙ୍ଗଲ ନିଆଁ ସଚେତନତା କାର୍ଯ୍ୟକ୍ରମ ହେଇଯାଇଛେ । ରେଞ୍ଜ ଅଧିକାରୀ ଆସିକ କୁମାର ଡିଗାଲଙ୍କର ସଭାପତିତ୍ୱ ହେଇଥିବା କାର୍ଯ୍ୟକ୍ରମ୍‌ଥି ଏସିଏଫ୍ ଆଶିଷ କହଁର୍ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇଥିଲେ । ଖରାଦିନେ ଜଙ୍ଗଲ ନ ଲାଗୁଥିବା ନିଆଁକେ କେନ୍ତାକରି ଆଏତ୍ କରାଯିବା, ଜଙ୍ଗଲ ଆଉ ଜୀବଜନ୍ତୁଙ୍କୁ କେନ୍ତାକରି ସୁରକ୍ଷିତ୍ ରଖାଯାଇ ପାର୍‌ବେ ସେ ବାବ୍‌ଦେ ଅତିଥିମାନେ ଉପସ୍ଥିତ୍ ଲୁକ୍‌କୁ ସଚେତନ୍ କରିଥିଲେ ।

ଆଇନ ସଚେତନତା କାର୍ଯ୍ୟକ୍ରମ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତର୍ଫୁ ଜିଲ୍ଲାର୍ ମେଣ୍ଡିମାଲଠାନେ ମହିଲାଙ୍କର୍ ଅଧିକାର ଆଉ ସୁରକ୍ଷାକେ ନେଇକରି ଗୁଟେ ସଚେତନତା କାର୍ଯ୍ୟକ୍ରମ ହେଇଯାଇଛେ । ପ୍ରାଧିକରଣର୍ ସଚିବ ଶ୍ରଦ୍ଧାଞ୍ଜଳି ରାୟଙ୍କର ଦେଖ୍‌ରେଖ୍‌ଥି ହେଇଥିବା କାର୍ଯ୍ୟକ୍ରମଥି ମହିଳା ସଶକ୍ତୀକରଣ, ମହିଳାଙ୍କର୍ ଲାଗି ଥିବା ଭିନ୍ ଭିନ୍ ଯୋଜ୍‌ନା, ଘରୋଇ ହିଂସା, କାର୍ଯ୍ୟସ୍ଥଲ୍ ନ ଯୌନ ନିର୍ଯାତନା ବାବଦ୍ ଭିନ୍ ଭିନ୍ ଆଇନ୍ ଉପ୍‌ରେ ସଚେତନ୍ କରାଯାଇଥିଲା ।

ମହାବିଦ୍ୟାଳୟର୍ ବାର୍ଷିକ୍ ଉତ୍ସବ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର୍ ବାର୍ଷିକ୍ ଉତ୍ସବ୍ ହେଇଯାଇଛେ । ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ସାହୁଙ୍କର ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ବିଶିଷ୍ଟ ଶଷିକ୍ଷାବିଦ୍ ଫଣିନ୍ଦମ ଦେଓ ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ଶିକ୍ଷାର୍ ଭିନ୍ ଭିନ୍ ଦିଗ୍ ବାବ୍‌ଦେ ଆଲୋଚନା କରିଥିଲେ । ଭିନ୍ ଭିନ୍ ପ୍ରତିଯୋଗିତାର୍ କୃତୀ ଛାତ୍ରଛାତ୍ରୀମାନ୍‌ଙ୍କୁ ଇ ଅବ୍‌ସରେ ପୁରସ୍କୃତ୍ କରାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦର୍‌ଗଡ଼୍, ଦେବଗଡ଼ ସହେତେ ୮ ଜିଲ୍ଲାର୍ ଗୁଟେ କି ଦୁଇଟା ଜାଗା ନ ଧୂକାଗର୍ଡ଼ି ସହେତେ ହାଲ୍‌କା ନୁ ମଧମ୍ ଧରଣ୍‌ର ବର୍ଷା ହେଇପାରେ । ରାଜ୍ୟର୍ ବାକି ଇଲାକା ନ ପାଗ୍ ଶୁଖା ରହେବା । ଆଏବା ୨୪ ଘଂଟା ଭିତ୍‌ରେ ଦିନର୍ ତାପମାତ୍ରା ଆହୁରି ୨ ନୁ ୩ ଡିଗ୍ରୀତକ୍ ବଢ଼ିପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର ତର୍‌ଫୁ ଅନୁମାନ୍ କରାଯାଇଛେ ।